# NATIONAL NEWS BULLETIN (ODIA)
## 23 January - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଅଷ୍ଟାଦଶ ରୋଜଗାର ମେଳାରେ ୬୧ ହଜାର ଯୁବବର୍ଗଙ୍କୁ ବଣ୍ଟନ କରିବେ ନିଯୁକ୍ତିପତ୍ର ।
- ତାମିଲନାଡୁରେ ସରକାର ପରିବର୍ତ୍ତନ ପାଇଁ ରାଜ୍ୟବାସୀ ପ୍ରସ୍ତୁତ, କହିଲେ ପ୍ରଧାନମନ୍ତ୍ରୀ ।

– ରାଜ୍ୟର ବିକାଶ ପାଇଁ ଏନ୍.ଡି.ଏ. ସରକାର ଗତ ୧୧ ବର୍ଷ ମଧ୍ୟରେ ମଞ୍ଜୁର କରିଛନ୍ତି ୧୧ ଲକ୍ଷ କୋଟି ଟଙ୍କା ।

- ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ପର୍କିତ ଭାରତ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଯାପନି ।

– ସର୍ବସମ୍ମତି କ୍ରମେ ଗୃହିତ ହେଲା ଦିଲ୍ଲୀ ଘୋଷଣାପତ୍ର ୨୦୨୬ ।

ଏବଂ

- ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ।

# ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆଭାସୀ ମାଧ୍ୟମରେ ଅଷ୍ଟାଦଶ ରୋଜଗାର ମେଳାରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂସ୍ଥା ପାଇଁ ନୂତନ ଭାବେ ନିଯୁକ୍ତି ପାଇଥିବା ୬୧ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ଏହି ଅବସରରେ ସେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଦେଶର ୪୫ଟି ସ୍ଥାନରେ ଏହି ରୋଜଗାର ମେଳାର ଆୟୋଜନ କରାଯାଇଛି ।

ନୂତନ ଭାବେ ନିଯୁକ୍ତି ପ୍ରାପ୍ତ ପ୍ରାର୍ଥୀମାନେ ଗୃହ ବିଭାଗ, ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ଆର୍ଥିକ ସେବା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ଅନ୍ୟାନ୍ୟ ବିଭାଗରେ ନିଯୁକ୍ତି ପାଇବେ । ରୋଜଗାର ମେଳା ହେଉଛି – ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ ଏବଂ ଦେଶରେ ନିଯୁକ୍ତି ସୃଷ୍ଟି କରିବା ଏହାର ଲକ୍ଷ୍ୟ ରହିଛି । ଏହି ପଦକ୍ଷେପ ଆରମ୍ଭ ହେବା ପରଠାରୁ ରୋଜଗାର ମେଳା ମାଧ୍ୟମରେ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି ।

# ପିଏମ୍-ତାମିଲନାଡୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ତାମିଲନାଡୁବାସୀ ଡି.ଏମ୍.କେ. ସରକାରଙ୍କୁ ମୂଳପୋଛ କରିଦେବା ଲାଗି ମାନସିକ ଭାବେ

ସ୍ଥିର କରିଛନ୍ତି । ସେ ଆସ୍ଥା ପ୍ରକଟ କରି କହିଛନ୍ତି, ଆଗାମୀ ନିର୍ବାଚନରେ ବିଜେପି-ଏନ୍.ଡି.ଏ. ନେତୃତ୍ୱବାଦି ସରକାର ରାଜ୍ୟରେ ଗଠିତ ହେବ । ତାମିଲନାଡୁରେ ଏକ ର୍ୟାଲିରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଡି.ଏମ୍.କେ.କୁ ସମାଲୋଚନା କରିଛନ୍ତି, ଦଳ ଗଣତନ୍ତ୍ର ପ୍ରତି ଏବଂ ଉତ୍ତରଦାୟିତ୍ୱ ସହ ରାଜ୍ୟରେ କିଛି ବିକାଶ ମୂଳକ କାର୍ଯ୍ୟ କରିନାହିଁ । ଡି.ଏମ୍.କେ. ନେତୃତ୍ୱବାଦି ସରକାର କେବଳ ଗୋଟିଏ ପରିବାର ପାଇଁ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି ।

## VO-1-PM---SANKALP---TN

ରାଜ୍ୟରେ ସରକାର ପରିବର୍ତ୍ତନ କରିବା ପାଇଁ ତାମିଲନାଡୁବାସୀ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ମଦୁରାନ୍ଥାକମ୍ ଠାରେ ଆଜି ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଡି.ଏମ୍.କେ. ଶାସନ କାଳରେ ରାଜ୍ୟରେ କୌଣସି ବିକାଶ ମୂଳକ କାର୍ଯ୍ୟ ହୋଇନାହିଁ ।

ସେ କହିଛନ୍ତି, ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସରକାରଙ୍କ ଅମଳରେ ରାଜ୍ୟରେ ରେଳ ପ୍ରକଳ୍ପ ଦିଗରେ ୭ ଗୁଣ ଅଭିବୃଦ୍ଧି ଘଟିଛି । ସେ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ତାମିଲନାଡୁର ବିକାଶ ପାଇଁ ଏନ୍.ଡି.ଏ. ସରକାର ୧୧ ଲକ୍ଷ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏଥିରେ ୫୦ ହଜାର କିଶାନ୍ କ୍ରେଡିଟ୍‌କାର୍ଡ଼ ବଣ୍ଟନ କରାଯାଇଛି । ରାଜ୍ୟରେ ଯୁବ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ୬ କୋଟି ମୁଦ୍ରା ଋଣ ଦିଆଯାଇଥିବା ବେଳେ ଏମ୍.ଏସ୍.ଏମ୍.ଇ. ପାଇଁ ୩ ଲକ୍ଷ କୋଟି ପାଣ୍ଠି ଅନୁମୋଦିତ ହୋଇଛି ।

ପ୍ରଧାନମନ୍ତ୍ରୀ ଡବଲ୍ ଇଞ୍ଜିନ୍ ସରକାର ସମ୍ପର୍କରେ ପ୍ରତିଶ୍ରୁତି ଦେଇ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ସରକାରଙ୍କ ଜନମଙ୍ଗଳକାରୀ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବେ । ବୈଠକରେ ଏ.ଆଇ.ଏ.ଡି.ଏମ୍.କେ. ସାଧାରଣ ସମ୍ପାଦକ ଇ.କେ. ପାଲାନିସ୍ୱାମୀ ଏବଂ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅନବୁମଣି ରାମାଦୋଷ ଯୋଗଦେଇଥିଲେ ।

## ଗିରିରାଜ-ଆଇଆଇଜିଏଫ୍

ବୟନ ମନ୍ତ୍ରୀ ଗିରିରାଜ ସିଂହ କହିଛନ୍ତି, ଗତ ଦଶନ୍ଧିରେ ବୟନ କ୍ଷେତ୍ରରେ ଆଖିଦୃଶିଆ ବିକାଶ ପରିଲକ୍ଷିତ ହୋଇଛି । ୨୦୧୪ ମସିହାରେ ଏହାର ପରିମାଣ ୮ ଦଶମିକ୍ ୪ ଲକ୍ଷ କୋଟି ଟଙ୍କା ଥିବା ବେଳେ ଏବେ ଏହାର ପରିମାଣ ୧୬ ଲକ୍ଷ କୋଟିକୁ ବୃଦ୍ଧି ପାଇଛି । ନୂଆଦିଲ୍ଲୀଠାରେ ଆଜି ୭୪ତମ ଭାରତ ଆନ୍ତର୍ଜାତିକ ପୋଷାକ ମେଳା ଆଇ.ଆଇ.ଜି.ଏଫ୍. ୨୦୨୬ର ଉଦ୍‌ଘାଟନ ଅବସରରେ ଶ୍ରୀ ସିଂହ କହିଛନ୍ତି, ୨୦୨୫ ମସିହାରେ ଘରୋଇ ବଜାର ୬ ଲକ୍ଷ କୋଟିରୁ ୧୩ ଲକ୍ଷ କୋଟିକୁ ବୃଦ୍ଧି ପାଇଛି ।

ସେହିପରି ଦେଶର ରପ୍ତାନୀ ପରିମାଣ ଆଖିଦୃଶିଆ ୨୫ ପ୍ରତିଶତରୁ ଊର୍ଦ୍ଧ୍ୱ ବୃଦ୍ଧି ପାଇଛି । ୨୦୨୫ ମସିହା ଡିସେମ୍ବର ସୁଦ୍ଧା ବୟନ ଶିଳ୍ପ କାରବାର ୨୯ ହଜାର କୋଟି ଟଙ୍କାରେ ପହଞ୍ଚିଥିବା ସେ ସୂଚନା ଦେଇଛନ୍ତି । ସଫଳତା ସମ୍ପର୍କରେ ସୂଚନା ଦେଇ ଶ୍ରୀ ସିଂହ କହିଛନ୍ତି, ନିଯୁକ୍ତି ସୁଯୋଗ ସୃଷ୍ଟି କ୍ଷେତ୍ରରେ ବୟନ ଶିଳ୍ପ କ୍ଷେତ୍ର ହେଉଛି ଏକ ବୃହତ୍

ମଞ୍ଚ । ବିଦେଶୀ ଡିଜାଇନ୍ ପରିବର୍ତ୍ତେ ଭାରତର ନିଜର ଡିଜାଇନ୍ ପ୍ରସ୍ତୁତ ଉପରେ ଶ୍ରୀ ସିଂହ ଗୁରୁତ୍ୱପ୍ରଦାନ କରିଛନ୍ତି । ବିଦେଶୀ ବିକ୍ରେତାଙ୍କ ସହ ଭାରତର ରପ୍ତାନୀକାରୀଙ୍କ ମଧ୍ୟରେ ଯୋଗସୂତ୍ର ସୃଷ୍ଟି କରିବା ଭାରତ ଆନ୍ତର୍ଜାତିକ ପୋଷାକ ମେଳା ମଞ୍ଚ ମୁଖ୍ୟତଃ ଉଦ୍ଦିଷ୍ଟ ।

## ଆଇଆଇସିଡିଇଏମ୍

ନୂଆଦିଲ୍ଲୀରେ ତିନି ଧରି ଚାଲିଥିବା ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ପର୍କିତ ଭାରତ ଆନ୍ତର୍ଜାତିକ ସମ୍ମିଳନୀ ଆଜି ଶେଷ ହୋଇଛି । ଏହି ସମ୍ମିଳନୀରେ ଆମେରିକା, ଦକ୍ଷିଣ ଆଫ୍ରିକା, ମାଲଦୀପ, ବୋତ୍ସ୍ୱାନା, ଫିଜି, ଚେକ୍ ଗଣତନ୍ତ୍ର ଆଦି ବିଭିନ୍ନ ରାଷ୍ଟ୍ରରୁ ୧୦୦ରୁ ଊର୍ଦ୍ଧ୍ୱ ବିଦେଶୀ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଦିଲ୍ଲୀ ଘୋଷଣାପତ୍ର ୨୦୨୬ ସମ୍ପର୍କରେ ଆଲୋକପାତ କରିଥିଲେ । ଏହା ନିର୍ବାଚନ ପରିଚାଳନା କମିଟି ଦ୍ୱାରା ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା । ଭୋଟର ତାଲିକାରେ ସ୍ୱଚ୍ଛତା, ନିର୍ବାଚନ ପରିଚାଳନା, ଗବେଷଣା ଏବଂ ପ୍ରକାଶନ, ପ୍ରଯୁକ୍ତିବିଦ୍ୟା ବ୍ୟବହାର ପ୍ରଶିକ୍ଷଣ ଓ କ୍ଷମତା ଗଠନ ସଂକ୍ରାନ୍ତ ଘୋଷଣାପତ୍ରର ସଫଳ ରୂପାୟନ ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ନିର୍ବାଚନ ପରିଚାଳନା ସଂସ୍ଥା ଦୃଢ଼ ସଂକଳ୍ପବଦ୍ଧ ହୋଇଥିଲା । ଶ୍ରୀ କୁମାର କହିଛନ୍ତି, ସ୍ୱଚ୍ଛ ଭୋଟର ତାଲିକାରେ ଯୋଗ୍ୟ ଭୋଟରମାନଙ୍କ ନାମ ସାମିଲ କରାଯିବ ।

ନିର୍ବାଚନକୁ ସହଜ ଏବଂ ସ୍ୱଚ୍ଛ ପରିଚାଳନା ପାଇଁ ସମସ୍ତ ଭୋଟରମାନଙ୍କ ପାଇଁ ଭୋଟର ପରିଚୟପତ୍ର ପ୍ରଦାନ ଉପରେ ନିର୍ବାଚନ ପରିଚାଳନା କମିଟି ଗୁରୁତ୍ୱପ୍ରଦାନ କରିବା ଉଚିତ୍ ବୋଲି ବୈଠକରେ କୁହାଯାଇଥିଲା ।

## ପ୍ରଗତି-ସ୍ପେଶାଲ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତୀ' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀ ସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ଉତ୍ତରପ୍ରଦେଶର ମାଉଁ-ଗାଜିପୁର-ତରିଘାଟ ନୂଆ ବ୍ରଡ୍‌ଗଜ୍ ରେଳ ଲାଇନ୍ ସମ୍ପର୍କରେ ।

ମାଉଁ-ଗାଜିପୁର-ତରିଘାଟ ନୂଆ ବ୍ରଡ୍‌ଗଜ୍ ରେଳ ଲାଇନ୍ ଉତ୍ତରପ୍ରଦେଶରେ ୫୧ କିଲୋମିଟର ଧରି ବ୍ୟାପିଛି । ଏହା ରେଳ ଭିତ୍ତିଭୂମି ପଦକ୍ଷେପର ରୂପାନ୍ତରଣକୁ ଦର୍ଶାଉଛି । ଏହି ପ୍ରକଳ୍ପ ପାଇଁ ୧

ହଜାର ୭୬୫ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ଏହାର ଲକ୍ଷ୍ୟ ହେଉଛି – ପୂର୍ବାଞ୍ଚଳ ଉତ୍ତରପ୍ରଦେଶରେ ରେଳ ଯୋଗାଯୋଗ ବୃଦ୍ଧି କରିବା ଏବଂ ଜାତୀୟ ରେଳ ନେଟ୍‌ୱାର୍କ ମାଧ୍ୟମରେ ଉପାନ୍ତ ଜିଲ୍ଲାଗୁଡ଼ିକରେ ରେଳ ସଂଯୋଗକୁ ସମନ୍ୱିତ କରିବା ।

ସେହିପରି ଗଙ୍ଗାକରିଡ଼ରରେ ମଲ୍ଟିମୋଡାଲ୍ ପରିବହନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ୨୦୧୮ ମସିହା ସେପ୍ଟେମ୍ବର ୨୬ ତାରିଖରେ ପ୍ରଗତି ପ୍ଲାଟ୍‌ଫର୍ମରେ ଏହି ପ୍ରକଳ୍ପର ସମୀକ୍ଷା କରାଯାଇଥିଲା । ପୂର୍ବାଞ୍ଚଳ ଉତ୍ତରପ୍ରଦେଶରେ ପ୍ରକଳ୍ପର ରଣନୈତିକ ଗୁରୁତ୍ୱକୁ ମାନ୍ୟତା ପ୍ରଦାନ କରାଯାଇ ଏବଂ ଆନ୍ତ ମୋଡାଲ୍ ସ୍ଥିତି ସମୟ ନିର୍ଦ୍ଧାରିତ କାର୍ଯ୍ୟକୁ ଆଗେଇ ନେବା ଲାଗି ବୈଠକରେ ପରାମର୍ଶ ଦିଆଯାଇଥିଲା ।

ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦିଆଯିବା ସହ ମାଉଁ ଏବଂ ଗାଜିପୁର ଜିଲ୍ଲା ପ୍ରଶାସନ ଅଞ୍ଚଳରେ ରେଳ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ରେଳ-ସଡ଼କ ସେତୁ ପାଇଁ ପାଣ୍ଠି ଯୋଗାଣ କ୍ଷେତ୍ରରେ ରହିଥିବା ଅସୁବିଧାଗୁଡ଼ିକୁ ରେଳ ଏବଂ ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ସମାଧାନ କରାଯାଇ ପ୍ରଭାବିତ ଲୋକମାନଙ୍କୁ ତୁରନ୍ତ ସେମାନଙ୍କର ପ୍ରାପ୍ୟ ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା । ୨୦୨୪ ମସିହା ମାର୍ଚ୍ଚ ୬ ତାରିଖ ସୁଦ୍ଧା ଏହି ପ୍ରକଳ୍ପ ୧୦୦ ପ୍ରତିଶତ ସମ୍ପୂର୍ଣ୍ଣ ହେବା ସହ କାର୍ଯ୍ୟ ଆରମ୍ଭ ହୋଇଥିଲା । ମାଉଁ-ଗାଜିପୁର-ତରିଘାଟ ନୂଆ ବ୍ରଡ୍‌ଗଜ୍ ରେଳ ଲାଇନ୍ ପୂର୍ବାଞ୍ଚଳ

ଉତ୍ତରପ୍ରଦେଶରେ ଜନସାଧାରଣଙ୍କୁ ସାମାଜିକ-ଅର୍ଥନୈତିକ ବ୍ୟବସ୍ଥାରେ ସହାୟକ ହେବ ବୋଲି କୁହାଯାଇଛି । ଏଥିସହ ଆଞ୍ଚଳିକ ଯୋଗାଯୋଗ ଏବଂ ଅର୍ଥନୈତିକ ସମନ୍ୱୟ କ୍ଷେତ୍ରରେ ପ୍ରଗତି ହୋଇପାରିବ ବୋଲି କୁହାଯାଇଛି ।

## ମାଓବାଦୀ

ଝାଡ଼ଖଣ୍ଡରେ ଗତ ଦୁଇ ଦିନ ମଧ୍ୟରେ ସୁରକ୍ଷା ବାହିନୀ ଯବାନଙ୍କ ଆକ୍ରମଣରେ ମାଓବାଦୀଙ୍କ ମୃତ୍ୟୁ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି । ସାରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀ ଯବାନ ଏବଂ ମାଓବାଦୀମାନଙ୍କ ମଧ୍ୟରେ ଆଜି ଦ୍ୱିତୀୟ ଦିନରେ ମଧ୍ୟ ଗୁଳିଗୋଳା ବିନିମୟ ଜାରି ରହିଛି । ଏଥିରେ ଜଣେ ମହିଳା ମାଓବାଦୀ ପ୍ରାଣ ହରାଇଛନ୍ତି । ଛାଇବାସା ପୋଲିସ୍ ଅଧିକାରୀ ଅମିତ ରେଣୁ ଏହି ସଂଘର୍ଷ ସଂକ୍ରାନ୍ତରେ ନିଶ୍ଚିତ କରି କହିଛନ୍ତି, ଏହି ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଏବଂ ନକ୍ସଲ ବିରୋଧି ଅଭିଯାନକୁ ଜୋର୍‌ଦାର କରାଯାଇଛି ।

ଛତିଶଗଡ଼ର ଧମାତାରି ଜିଲ୍ଲାରେ ଆଜି ୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏଥିରେ ୭ ଜଣ ମହିଳା ଅଛନ୍ତି । ଏହି ମାଓବାଦୀମାନଙ୍କ ପାଇଁ ରାଜ୍ୟ ସରକାର ୪୭ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ । ମାଓବାଦୀମାନେ ଆତ୍ମସମର୍ପଣ ସମୟରେ ସେମାନଙ୍କର ଅସ୍ତ୍ରଶସ୍ତ୍ର, ରାଇଫଲ୍ ଆଦି ପୋଲିସ୍‌କୁ ଦେଇଥିଲେ । ଏହି

ମାଓବାଦୀମାନେ ରାଜ୍ୟର ସୀତାନାଡ଼ି, ନାଗ୍ରି, ମେନ୍‌ପୁର ଏବଂ ଗୋବରା ଅଞ୍ଚଳରେ ସକ୍ରିୟ ଥିବା ଜଣାପଡ଼ିଛି ।

## କ୍ରିକେଟ୍

ରାୟପୁରର ସହିଦ ବୀର ନାରାୟଣ ସିଂହ ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଆଜି ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ହୋଇଛି । ଭାରତ ଟସ୍ ଜିତି ଫିଲ୍ଡିଂ କରିବା ପାଇଁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ନ୍ୟୁଜିଲାଣ୍ଡ ୩ ଓଭର ୨ଟି ବଲ୍‌ରେ ଗୋଟିଏ ଓ୍ୱିକେଟ୍ ହରାଇ ୪୩ ରନ୍ ସଂଗ୍ରହ କରିଛି ।

ଏହି ସିରିଜ୍‌ରେ ଭାରତ ୧-୦ରେ ଅଗ୍ରଣୀ ରହିଛି । ପ୍ରଥମ ମ୍ୟାଚ୍‌ରେ ଭାରତ ୪୮ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା ।